# ‘ଆଦିବାସୀଙ୍କୁ ଉସୁକାଇ ଝଗଡ଼ା ଲଗାଉଥିବା ବ୍ୟକ୍ତିଙ୍କୁ ଗିରଫ କର’

**ବନ ସୁରକ୍ଷା ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ନବରଙ୍ଗପୁର, ୨୯।୮ (ବି.ପ୍ର.)

ବନ ସୁରକ୍ଷା ମହାସଂଘର ଶତାଧିକ ସଭ୍ୟାସଭ୍ୟ ଚାମୁରିଆଗୁଡ଼ାରୁ ଏକ ବିଶାଳ ଶୋଭାଯାତ୍ରାରେ ଯାଇ ଜିଲାପାଳ କମଳଲୋଚନ ମିଶ୍ରଙ୍କୁ ୮ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଦେଇଛନ୍ତି। ଗତ ୧୩ ତାରିଖ ଉମରକୋଟ ବ୍ଲକର ଜଙ୍ଗଲ ଜମିରେ ମକା ଫସଲ ନଷ୍ଟ ଓ ଘରପୋଡ଼ି ଘଟଣାରେ ପ୍ରଶାସନ ପକ୍ଷରୁ ମିଳିଥିବା ଲିଖିତ ପ୍ରତିଶ୍ରୁତିକୁ ବିରୋଧ କରିଛି ବନ ସୁରକ୍ଷା ମହାସଂଘ। ଏଥିସହ ବେଆଇନ ଜଙ୍ଗଲ ଅଧିକାର ଓ ନୂତନ ଜଙ୍ଗଲ କାଟୁଥିବା ବ୍ୟକ୍ତିମାନଙ୍କୁ ନୂତନ ଏଫ୍‌ଆର୍‌ସି ଗଠନ କରି ଜଙ୍ଗଲ ଆଇନ ଲୋପ କରିବା ପ୍ରୟାସକୁ ରଦ୍ଦ କରିବା ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରିଛି ମହାସଂଘ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଛନ୍ତି।


ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ନିଜ ପଟ୍ଟା ଜମି ବ୍ୟତୀତ ରିଜର୍ଭ ଜଙ୍ଗଲ ମଧ୍ୟରେ ଥିବା ବନ ସୁରକ୍ଷା ସମିତିର ଜଙ୍ଗଲକୁ କାଟି ନଷ୍ଟକରି ଚାଷ କରିବେ ନାହିଁ ବୋଲି ଜଙ୍ଗଲ ପରିସରରେ ରହୁଥିବା ବ୍ୟକ୍ତିମାନେ ଏକ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାକୁ ଉଲ୍ଲଂଘନ କରି ଜଙ୍ଗଲ କାଟି ଚାଷ କରିବାକୁ ଉଦ୍ୟମ କରିବାରୁ ସିଲିଗୁଡ଼ା ବନ ସୁରକ୍ଷା ସମିତି ପ୍ରଶାସନ ପାଖରେ ଅଭିଯୋଗ କରିଥିଲା। ଜଙ୍ଗଲ ବିଭାଗ ଅଫିସର ଓ ତହସିଲଦାରଙ୍କ ଉପସ୍ଥିତିରେ ୧୪୪ ଧାରା ଲାଗୁ କରାଯାଇ ସେହି ସ୍ଥାନକୁ ଯିବାକୁ ବାରଣ କରାଯାଇଥିଲା। ଚଳିତ ବର୍ଷ ସିର୍ଲିଗୁଡ଼ା ବନ ସୁରକ୍ଷା ସମିତି ବୁଝାଇବା ସତ୍ତ୍ୱେ ସେମାନେ ପୁନର୍ବାର ରାତାରାତି ମକା ବୁଣି ଅସ୍ଥାୟୀ ଘର ନିର୍ମାଣ କରିଥିଲେ। ସେମାନେ ନିଜେ ଉକ୍ତ ଘରେ ନିଆଁ ଲଗାଇ ଏହାର ଭିଡିଓ ଭାଇରଲ କରିବା ସହ ସିର୍ଲିଗୁଡ଼ା ବନ ସୁରକ୍ଷା ସମିତିକୁ ବଦନାମ କରୁଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କପସାଭଟ୍ଟା, ସାରୀୟାଭଟ୍ଟା, ଲକଟିପକନା ଏଫ୍‌ଆର୍‌ସି କମିଟି ଦ୍ୱାରା ୩ଖଣ୍ଡ ଗ୍ରାମବାସୀ ଦଖଲ କରିଥିବା ଜମି ଉପରେ ପଟ୍ଟା ଆବେଦନ କରିଥିଲେ। ଉକ୍ତ ଆବେଦନ ପତ୍ରଗୁଡ଼ିକୁ ଅନୁମୋଦନ କରାଯାଇ ସେମାନଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ କରାଯାଇଛି। ପୁନର୍ବାର ଉକ୍ତ ଗ୍ରାମଗୁଡ଼ିକରେ ନୂତନ କରି ଏଫ୍‌ଆର୍‌ସି ଗଠନ କରି ପଟ୍ଟା ଦେବା ବନ୍ଦ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଗ୍ରାମବାସୀ ଜଙ୍ଗଲ କାଟି ମାଫିଆଙ୍କୁ ଜମି ବିକିବା ବନ୍ଦ କରନ୍ତୁ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହୋଇଛି। ସମ୍ପୃକ୍ତ ଗ୍ରାମବାସୀଙ୍କ କୋରାପୁଟ ଜିଲାରେ ପୈତୃକ ଜମି ରହିଛି। ଯେଉଁମାନେ ବେଆଇନଭାବେ ଜଙ୍ଗଲ ଜମି ପଟ୍ଟା ନେଇଛନ୍ତି ତାହାକୁ ରଦ୍ଦ ସହ ନୂତନ ପଟ୍ଟା ପ୍ରଦାନ ବନ୍ଦ କରିବାକୁ ଦାବି ହୋଇଛି। ଜଙ୍ଗଲ ଧ୍ୱଂସ କରିବା ଉଦ୍ଦେଶ୍ୟରେ ନିରୀହ ଆଦିବାସୀଙ୍କୁ ଉସୁକାଇ ଝଗଡ଼ା କରାଉଥିବା ବ୍ୟକ୍ତିଙ୍କ ଗିରଫ ଦାବି କରାଯାଇଛି। ସିର୍ଲିଗୁଡ଼ା ବନ ସୁରକ୍ଷା ସମିତି ନାମରେ କରାଯାଇଥିବା ମିଥ୍ୟା କେସ୍ ତୁରନ୍ତ ପ୍ରତ୍ୟାହାର, ସିର୍ଲିଗୁଡ଼ା ବନ ସୁରକ୍ଷା ସମିତିରେ ଆସୁଥିବା ୮ ଗ୍ରାମବାସୀଙ୍କ ଉପରେ ଲାଗିଥିବା ମିଥ୍ୟା ଦଫା ପ୍ରତ୍ୟାହାର କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ଉମରକୋଟ ରେଞ୍ଜର ୮୨ ବନ ସୁରକ୍ଷା ସମିତି ଇସ୍ତଫା ଦେଇ ଜଙ୍ଗଲ ସୁରକ୍ଷା ନିମନ୍ତେ ଜିଲା ବ୍ୟାପୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନବେଳେ ପନକୁ ହରିଜନ, ହୀରାଲାଲ ମାଝି, ସୁଖନାଥ ନାୟକ, ମଦନ ଗଣ୍ଡ, ଗୁରୁବାରୁ ଗଣ୍ଡ, ବଲି ଗଣ୍ଡ, ମେଘନାଥ ପୂଜାରୀ, ନୀଳାମ୍ବର ଗଣ୍ଡ, ବକଚନ୍ଦ ନାୟକ, ମଧୁ ପୂଜାରୀ, ମେଘ ପୂଜାରୀ, ରାଜେଶ କଲାର, ଅମରସିଂ ଭତ୍ରା, ଶୁଭରାଜ ଗଣ୍ଡ, ଚନ୍ଦନ ଭତ୍ରାଙ୍କ ସମେତ ଉମରକୋଟ, ରାଇଘର ଓ ଝରିଗାଁ ବ୍ଲକର ଶତାଧିକ ବନ ସୁରକ୍ଷା ସମିତି ସଦସ୍ୟ ଉପସ୍ଥିତ ଥିଲେ।

# ସଂସ୍କୃତ ରାଷ୍ଟ୍ରଭାଷା ହେବା ବାଞ୍ଛନୀୟ

ନବରଙ୍ଗପୁର,୨୯।୮(ବି.ପ୍ର.)

ସଂସ୍କୃତ ଭାରତୀ ଓ ନିଖିଳ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ସଂଯୋଜନାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ କାର୍ଯ୍ୟକ୍ରମ କରାଯାଇଛି। ଜିଲା ସଂଯୋଜକ ଅଶୋକ ତ୍ରିପାଠୀଙ୍କ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ଡିଇଓ ପ୍ରଦୀପ କୁମାର ନାଗ ଶୁଭାରମ୍ଭ କରିଥିଲେ।

ସଂସ୍କୃତ ସରଳ, ସର୍ବଜନାଦୃତ ଏବଂ ମାର୍ଜିତ ଭାଷା । ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଏହା ଭାରତୀୟ ଲୋକଭାଷା ରୂପେ ଚାଲିଆସିଥିଲା। ଆମର ସମସ୍ତ ଗ୍ରନ୍ଥ, ଶାସ୍ତ୍ର, ମନ୍ତ୍ର ସଂସ୍କୃତରେ ରଚିତ ଏବଂ ଆମ ପାଇଁ ଶ୍ରେଷ୍ଠ ମାର୍ଗଦର୍ଶକ ବୋଲି ମୁଖ୍ୟ ଅତିଥି ତଥା ଡିଇଓ କହିଥିଲେ। ମନୁ, ପରାଶରଙ୍କଠାରୁ ବାଲ୍ମୀକି, ବ୍ୟାସ ଓ କାଳିଦାସ, ବିଷ୍ଣୁଶର୍ମାଙ୍କ ପର୍ଯ୍ୟନ୍ତ ମହାକବିମାନେ ସଂସ୍କୃତ ସାହିତ୍ୟରେ ଅମୂଲ୍ୟ ଗ୍ରନ୍ଥ ରଚନା କରି ଭାରତୀୟ ଧର୍ମ, ସଂସ୍କୃତି ସମାଜ ସହ ସମଗ୍ର ମାନବ ଜାତିକୁ ଦେବତ୍ୱ ପ୍ରଦାନ କରିଛନ୍ତି ବୋଲି ମୁଖ୍ୟବକ୍ତା ପଣ୍ଡିତ ଡ. ନୀଳକଣ୍ଠ ପାଢ଼ୀ କହିଛନ୍ତି। ପୃଥିବୀରେ ୭ଲକ୍ଷରୁ ଅଧିକ ସାହିତ୍ୟ ଗ୍ରନ୍ଥ ଦେଇଥିବା ସଂସ୍କୃତ ଚିରନ୍ତନ ଏବଂ ମାନବ ସମାଜର ଜ୍ଞାନ ଆତ୍ମା ବୋଲି ସେ କହିଥିଲେ। ଜିଲାରେ ସର୍ବତ୍ର ସଂସ୍କୃତ ସମ୍ଭାଷଣ ଶିବିର କରାଯାଇ ଦେବଭାଷାକୁ ସବୁସ୍ତରରେ ପହଞ୍ଚାଇବାକୁ ସହ ଜିଲା ଶିକ୍ଷାଧିକାରୀ ରେଶମଲାଲ ନାୟକ ନିବେଦନ କରିଥିଲେ। ସଂସ୍କୃତକୁ ରାଷ୍ଟ୍ରଭାଷାର ମର୍ଯ୍ୟାଦା ଦେଇ ଏହାକୁ ହିନ୍ଦୀ ସହିତ ସମାନ୍ତରାଳ ଭାବେ ନ ରଖି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାକୁ ବାଧ୍ୟତାମୂଳକ କରାଯାଉ ବୋଲି ବିଶ୍ୱ ହିନ୍ଦୁ ପରିଷଦ ସଭାପତି ସର୍ବେଶ୍ୱର ତ୍ରିପାଠୀ କହିଥିଲେ। ଅନ୍ୟତମ ବକ୍ତା ଭାବେ ପବିତ୍ର ମିଶ୍ର, ମଧୁସୂଦନ ସାହୁ, ପ୍ରକାଶ ମିଶ୍ରଙ୍କ ସହ ଶତାଧିକ ମାଧ୍ୟମିକ ସଂସ୍କୃତ ଶିକ୍ଷୟିତ୍ରୀ ଶିକ୍ଷକ ଗଣ ସଂସ୍କୃତକୁ ରାଷ୍ଟ୍ରଭାଷା ଘୋଷଣା କରିବାକୁ ଦାବି କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ୨୨ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ବାଲୁ ବିଶ୍ୱାଳ ଓ ପ୍ରମୋଦ ବିଶ୍ୱାଳଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଜିଲାରେ ଚଳିତ ମାଧ୍ୟମିକ ବୋର୍ଡ ପରୀକ୍ଷାରେ ସଂସ୍କୃତରେ ଶତ ପ୍ରତିଶତ ନମ୍ବର ରଖିଥିବା ୩୫ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ୨ ଦିନ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ


ବିକ୍ଷୋଭରେ ବସିଥିବା ଆଇନଜୀବୀମାନେ।

**ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଦାବି ଜୋର୍‌ଦାର**

ଜୟପୁର, ୨୯।୮(ନି.ପ୍ର.)

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ପ୍ରତ୍ୟେକ ମାସର ଶେଷ ୨ ଦିନ କାର୍ଯ୍ୟବନ୍ଦ ନିଷ୍ପତ୍ତି ହୋଇଛି। ଜୟପୁର ସ୍ଥିତ ଜିଲା ଓକିଲ ସଂଘ ନିଷ୍ପତ୍ତିକ୍ରମେ ଅଗଷ୍ଟ ୨୯ ଓ ୩୦ ଓକିଲମାନେ କାର୍ଯ୍ୟବନ୍ଦ କରି ବିକ୍ଷୋଭ କରିଛନ୍ତି। ଉକ୍ତ ୨ ଦିନ ଜେଲରେ ଥିବା ବିଚାରାଧୀନ କଏଦୀଙ୍କ ଜାମିନ ହିଁ ଶୁଣାଣି ହୋଇପାରିବ। ତା’ ଛଡ଼ା କୌଣସି ମାମଲାର ବିଚାର କି ଶୁଣାଣି ହୋଇପାରିବ ନାହିଁ । ଜୟପୁରରେ ୨୦ଟି କୋର୍ଟ ଥିବାରୁ ସମସ୍ତ କୋର୍ଟରେ ଆଇନଜୀବୀ ଅନୁପସ୍ଥିତ ରହି ଜିଲା କୋର୍ଟ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଅବିଭକ୍ତ କୋରାପୁଟ ଜିଲାର ଯେ କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ୨୦୦୮ରୁ ଦାବି ହୋଇଆସୁଛି। ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଯୋଗୁ ତହସିଲ, ରେଜିଷ୍ଟ୍ରାର ଅଫିସ ମଧ୍ୟ ବନ୍ଦ ରହିଛି। ବେଞ୍ଚ ପ୍ରତିଷ୍ଠା ଦିଗରେ ସରକାର ଶୀଘ୍ର ପ୍ରତିଶ୍ରୁତି ଦେବା ଦାବିରେ କାର୍ଯ୍ୟବନ୍ଦ ହୋଇଛି ବୋଲି ଆଇନଜୀବୀମାନେ କହିଛନ୍ତି। ବିକ୍ଷୋଭରେ ସଂଘ ଜିଲା ସଭାପତି ସରୋଜ ଦାଶ, ଉପ ସଭାପତି ଗିରିଧର ଖରା, ହରିଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜିଲାପାଳଙ୍କ ଦ୍ୱାରା ଅଭିଯୋଗ ଶୁଣାଣି



ବୈପାରୀଗୁଡା, ୨୯।୮(ଡି.ଏନ୍.ଏ) - କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ କୋରାପୁଟ ଜିଲାପାଳ ଅବଦୁଲ୍ ଏମ୍ ଆଖତରଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ହୋଇଛି। ଏଥିରେ ସର୍ବମୋଟ୍ ୯୪ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରୁ ୫୧ ବ୍ୟକ୍ତିଗତ ଓ ୪୩ ଗୋଷ୍ଠୀଗତ ଅଭିଯୋଗ ରହିଛି। ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟମଣି ନାୟକ ମଦ ପ୍ରସାର ପ୍ରଚାରକୁ ବିରୋଧ କରି ଦାବିପତ୍ର ଦେଇଥିଲେ । ପେନ୍ଦାପଡା ପଞ୍ଚାୟତ ପାଣ୍ଡୁଗୁଡା ଗ୍ରାମର ସମାରୁ ହରିଜନ ତାଙ୍କର ଆବାସ ଗୃହ ହଡପ ହେବା ନେଇ ଅଭିଯୋଗ କରିବା ପରେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶୁଣାଣିବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ଜୟପୁର ଉପଜିଲାପାଳ ଦେବବର ପ୍ରଧାନ , ସ୍ଥାନୀୟ ବିଡିଓ ଅଭିମନ୍ୟୁ କବିଶତପଥୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ନାବାଳକ ଉଦ୍ଧାର



ଦଶମନ୍ତପୁର, ୨୯।୮( ଡି.ଏନ୍. ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତରେ ଜଣେ ନାବାଳକ ବୁଲୁଥିବା ଖବରପାଇ ଥାନାଧିକାରୀ ବିଜୟ ରାଜ ମାଝି ତାଙ୍କୁ ଉଦ୍ଧାର କରିଛନ୍ତି। ନାବାଳକ ଜଣକ ନବରଙ୍ଗପୁର ଜିଲା ଉମରକୋଟ ଗାଁର ତୁଫାନ (୧୨)। ସେ ବଙ୍ଗାଳୀ ଭାଷାରେ ନିଜ ପରିଚୟ ଦେଇଥିବା ଦଶମନ୍ତପୁର ଥାନାଧିକାରୀ ସୂଚନା ଦେଇଛନ୍ତି। ଜଣେ ଅଜଣା ନାବାଳକ ବୁଲୁଥିବା ଦେଖି ଚିକାମ୍ବ ଗ୍ରାମବାସୀ ୧୧୨କୁ ଯୋଗାଯୋଗ କରିଥିଲେ। ଏହାପରେ ଥାନା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଆସିଥିଲା। ଥାନାଧିକାରୀ ଟିମ୍ ସହ ଘଟଣାସ୍ଥଳକୁ ଯାଇ ନାବାଳକଙ୍କୁ ଉଦ୍ଧାର କରିଛନ୍ତି। ନାବାଳକଙ୍କ ପରିବାର ଲୋକଙ୍କୁ ଖୋଜି ସେମାନଙ୍କୁ ହସ୍ତାନ୍ତର କରଯିବ ବୋଲି ଥାନାଧିକାରୀ କହିଛନ୍ତି।

# ଜାତୀୟ କ୍ରୀଡ଼ା ଦିବସରେ ଶୋଭାଯାତ୍ରା

ଜୟପୁର ୨୯।୮ (ନି.ପ୍ର.)

ଜାତୀୟ କ୍ରିଡା ଦିବସ ଉପଲକ୍ଷେ ସୋମବାର ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଜୟପୁର ସ୍ଥିତ ଜଗଦୀଶ ଚନ୍ଦ୍ର ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟ ମଡର୍ଣ୍ଣ ଇଂଲିସ ସ୍କୁଲ, ସାରଦା ବିହାରସ୍ଥିତ ଶିଶୁ ବିଦ୍ୟାମନ୍ଦିରର ଛାତ୍ରମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ତାରିଣି ଛକ ସ୍ଥିତ ଜଗଦିଶ ଚନ୍ଦ୍ର ନାୟକ ସରକାରୀ ବିଦ୍ୟାଳୟରେ ଏହି ଶୋଭାଯାତ୍ରାକୁ ରାଜ୍ୟ କ୍ରିକେଟ ଆସୋସିଏଶନ ଉପ ସଭାପତି ଅନୁପ ପାତ୍ର ଉଦ୍‌ଘାଟନ କରିଥିଲେ । ଏହି ଶୋଭାଯାତ୍ରା ମୁଖ୍ୟ ରାସ୍ତା ଦେଇ ଟାଉନ ପୋଲିସ ଥାନା ନିକଟରେ ପହଞ୍ଚି ପୁଣି ବିଦ୍ୟାଳୟକୁ ଫେରିଥିଲା । ଖେଳ ଉପ କରଣ ସହ ପତକା ଧରି ଶୋଭାଯାତ୍ରା ରେ ବାହାରିଥିଲେ ଛାତ୍ର, ଖେଳାଳି, କୋଚ ଆୟୋଜକ। ଏହି ସମୟରେ ଉପଖଣ୍ଡ କ୍ରୀଡ଼ା ସମ୍ପାଦକ ରବି ନାୟକ ଉପପସ୍ଥିତ ଥିଲେ।

ଜୟପୁର ସ୍ଥିତ ଜଗଦିଶ ଚନ୍ଦ୍ର ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରିଡା ଦିବସ ପାଳିତ ହୋଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ ଓ ଶାରିରିକ ଶିକ୍ଷା ଶିକ୍ଷକ ବାସୁଦେବ ସେନାପତିଙ୍କ ତତ୍ତ୍ୱାବଧାନରେ କବାଡି ଖେଳ ଅନୁଷ୍ଠିତ ହୋଇଛି। କାଯ୍ୟକ୍ରମକୁ ସଫଳ କରିବା ପାଇ ବିଦ୍ୟାଳୟର ଏ ଶ୍ୱେତା, ମାଧୁରୀ ମଧୁମିତା, ସୁଧାରାଣୀ ଭୁପତି, ମଞ୍ଜୁଳା ପାଣିଗ୍ରାହୀ, ଶିକ୍ଷକ କମଳ ଲୋଚନ ଶିଶା, କର୍ମଚାରୀ ଭଗବାନ କିର୍ସାନି ଓ ହେମଲତା ଟାକ୍ରୀ ସହ ଯୋଗ କରିଥିଲେ।


ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# କାର୍ଯ୍ୟରେ ଯୋଗଦେଲେ ଉମରକୋଟ ପୋଲିସ ଉପଖଣ୍ଡ ଅଧିକାରୀ



ଉମରକୋଟ, ୨୯।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା । ଉମରକୋଟ ପୋଲିସ ଉପଖଣ୍ଡ କାର୍ଯ୍ୟାଳୟରେ ନୂତନ ପୋଲିସ ଉପଖଣ୍ଡ ଅଧିକାରୀଭାବେ ଶୁଭେନ୍ଦୁ କୁମାର ଶବର ଯୋଗ ଦେଇଛନ୍ତି। ନିଷ୍ଠାର ସହ ନିଜ କର୍ତ୍ତବ୍ୟ ତୁଲାଇବା ସହ ଜନସାଧାରଣଙ୍କ ଅଭିଯୋଗଗୁଡିକୁ ତୁରନ୍ତ ସମାଧାନ କରି ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରିବି। ଆଗାମୀ ଦିନରେ ଉମରକୋଟ, ରାଇଘର, ଝରିଗାଁ, ଚନ୍ଦାହାଣ୍ଡି, ଡାବୁଗାଁ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ସହ ଆଇନ ଶୃଙ୍ଖଳା ବଜାୟ ରଖିବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଶୁଭେନ୍ଦୁ ଶବର ଏଥି ପୂର୍ବରୁ ପାପଡାହାଣ୍ଡି ଥାନାଧିକାରୀ ଭାବେ ୨୦୧୯ରୁ କାର୍ଯ୍ୟରତ ଥିଲେ। ଡିସେମ୍ବର ୨୦୨୧ରେ ଡିଏସ୍‌ପି ଭାବେ ପଦୋନ୍ନତି ପାଇଥିଲେ। କିନ୍ତୁ ତାଙ୍କୁ କୌଣସି ସ୍ଥାନରେ ଥଇଥାନ କରାଯାଇ ନଥିଲା। ଉପଖଣ୍ଡ ଅଧିକାରୀ ଦିନେଶ ଚନ୍ଦ୍ର ନାୟକଙ୍କ ବଦଳି ପରେ ନବରଙ୍ଗପୁରର ନିହାର ରଞ୍ଜନ ପ୍ରଧାନ ଙ୍କୁ କିଛିଦିନ ପାଇଁ ଏହି ଦାୟିତ୍ୱ ଦିଆଯାଇଥିଲା।

# ୭୪୫ ଶିକ୍ଷୟିତ୍ରୀ ଶିକ୍ଷକ ଦେଲେ ଓଟିଇଟି ପରୀକ୍ଷା

ଉମରକୋଟ, ୨୯।୮(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟରେ ତିନୋଟି କେନ୍ଦ୍ରରେ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହୋଇଛି। ୭୪୫ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ପରୀକ୍ଷା ଦେଇଛନ୍ତି। ସ୍ୱାମୀ ବିବେକାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୨୨ରୁ ୧୧୯ ଜଣ ପରୀକ୍ଷା ଦେଇଥିଲେ। ସେହିପରି ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ୨୦୦ ଜଣରୁ ୧୯୬ ଜଣ ପରୀକ୍ଷା ଦେଇଥିଲେ। ସେହିପରି ସରକାରୀ ଏସ୍‌ଏସ୍ ଉଚ୍ଚ ବିଦ୍ୟାଳୟରେ ପେପର ୧ ରେ ୨୫୧ ରୁ ୨୪୨ ଜଣ ଓ ପେପର ୨ ରେ ୧୯୭ ରୁ ୧୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରୀକ୍ଷା ଦେଇଥିଲେ। ଶିକ୍ଷା ବିଭାଗ ପକ୍ଷରୁ ସ୍ୱଚ୍ଛ ଓ ସଫଳତାର ସହ ପରୀକ୍ଷା ସମ୍ପନ୍ନ ନିମନ୍ତେ ବ୍ୟପକ ବ୍ୟବସ୍ଥା କରା ଯାଇଥିଲା। ଉମରକୋଟ, ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉମରକୋଟଠାରେ ପରୀକ୍ଷା ଦେଇଥିଲେ।

# ଅନାଥ ପିଲାଙ୍କୁ ବଜାର ନେଇ ଡ୍ରେସ୍ କିଣାଇଲେ ବିଡିଓ

ଦାମନଯୋଡ଼ି,୨୯।୮ (ଡି.ଏନ୍.ଏ.)

ସେମିଲିଗୁଡ଼ା ବିଡିଓ ସବ୍ୟସାଚୀ ବେହେରା ତରଲା ବନ୍ଧଗୁଡ଼ାରେ ଥିବା ଗ୍ରେସ୍ ହୋମ ଅନାଥ ଆଶ୍ରମର ୧୯ ଜଣ ଅନ୍ତେବାସୀଙ୍କୁ ବଜାରକୁ ନେଇ ଡ୍ରେସ୍ କିଣାଇଛନ୍ତି। ଏହି ସମୟରେ ତାଙ୍କ ସ୍ତ୍ରୀ ନମିତା ଜେନା ମଧ୍ୟ ଉପସ୍ଥିତ ଥିଲେ। ଏଥିସହ ସେମାନେ ପିଲାମାନଙ୍କୁ ମିଠା ଖୁଆଇବା ସହ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ବୁଝିଥିଲେ।

ବିଡିଓ ବେହେରା ପିଲାମାନଙ୍କୁ ନିକଟସ୍ଥ ବଜାରକୁ ସାଙ୍ଗରେ ନେଇ ପସନ୍ଦ ମୁତାବକ ପୋଷାକ କିଣାଇଥିଲେ। ଆଗକୁ ଗଣେଶପୂଜା ଥିବାରୁ ପିଲାମାନେ ନୂଆ ପୋଷାକ ପାଇ ବେଶ୍ ଖୁସି ଅଛନ୍ତି। ଆଗାମୀ ଦିନରେ ଅନ୍ତେବାସୀଙ୍କ ପାଇଁ ଯଥା ସମ୍ଭବ ସହଯୋଗ କରିବେ ବୋଲି ବିଡିଓଙ୍କ ସ୍ତ୍ରୀ କହିଛନ୍ତି। ଚାରାଙ୍ଗୁଲ ସରପଞ୍ଚ ଫୁଲମତି ପୂଜାରୀଙ୍କ ସ୍ୱାମୀ ବାସୁଦେବ ପୂଜାରୀ, ଆଶ୍ରମ ଅଧିକାରୀ ବିଡିଓଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ପିଲାମାନେ ନିଜ ମନ ମୁତାବକ ଡ୍ରେସ୍ ବାଛୁଛନ୍ତି।

# ୨ କୋଠରିରେ ପଢ଼ୁଛନ୍ତି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲା

- ବାରମ୍ବାର ଦାବି ସତ୍ତ୍ୱେ ସମାଧାନ ହେଉ ନ ଥିବା ଶିକ୍ଷକଙ୍କ ଅଭିଯୋଗ
- ଦାବି ପୂରଣ ନ ହେଲେ ବିଇଓ ଅଫିସ ଆଗରେ ଅଭିଭାବକଙ୍କ ଧାରଣା ଚେତବାନୀ

ଦଶମନ୍ତପୁର, ୨୯।୮( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ଚିକମ୍ ପଞ୍ଚାୟତର ଉପର ଗୋଦଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୧୦୫ ଜଣ ଛାତ୍ରୀଛାତ୍ର ପଢ଼ନ୍ତି। ସେମାନଙ୍କ ପାଇଁ ୩ଜଣ ଶିକ୍ଷକ ଅଛନ୍ତି। କିନ୍ତୁ ଏଠାରେ ମାତ୍ର ୨ଟି କୋଠରି ରହିଛି। ଗୋଟାଏ କୋଠରିରେ ୧ମରୁ ୫ମ ଶ୍ରେଣୀ ଓ ଅନ୍ୟଟିରେ ୬ଷ୍ଠରୁ ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପଢ଼ାଯାଉଛି।

୨ଟି ଶ୍ରେଣୀଗୃହରେ ୮ଟି ଶ୍ରେଣୀର ପିଲାଙ୍କୁ ବସି ପଢ଼ାଯାଉଥିବାରୁ ସେମାନଙ୍କୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପାଠ ବୁଝିବା ଏବଂ ଶୁଣିବାରେ ସମସ୍ୟା ଉପୁଜୁଛି ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଏଭଳି ସମସ୍ୟା ମଧ୍ୟରେ ପରୀକ୍ଷାରେ କିଭଳି ପାସ୍ କରିବୁ ସେ ନେଇ କୁନିକୁନି ଛାତ୍ରୀଛାତ୍ର ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ଅଭିଭାବକମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ପାଠ ଆମକୁ ପଢ଼ାଇବା ଏବଂ ପିଲାମାନଙ୍କୁ ପାଠ ବୁଝିବାରେ ଅସୁବିଧା ହେଉଛି ବୋଲି ଶିକ୍ଷକ କୃପାସିନ୍ଧୁ ଖରା କହିଛନ୍ତି। ସମସ୍ୟାଟି ଦୀର୍ଘ ଦିନର। ଅସୁବିଧା ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକରୀ ଓ ଲୋକ ପ୍ରତିନିଧିଙ୍କୁ ମୌଖିକ ଏବଂ ଲିଖିତଭାବେ ଜଣାଇ ଆସୁଥିଲେ ହେଁ ତାହାର କୌଣସି ସୁଫଳ ମିଳୁନି ବୋଲି ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଗରଡ଼ା କହିଛନ୍ତି। ଖୁବ୍‌ଶୀଘ୍ର ଆବଶ୍ୟକ କୋଠରି ନିର୍ମାଣ କରା ନ ଗଲେ ପିଲାଙ୍କୁ ଧରି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଇଓ ଦୟାସିନ୍ଧୁ ବାଘଙ୍କୁ ଯୋଗାଯୋଗ କରିବାରୁ ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ସେ କହିଛନ୍ତି।


୧ମରୁ ୫ମ ଶ୍ରେଣୀ ପିଲାମାନେ ଗୋଟିଏ କୋଠରିରେ ବସି ପଢୁଛନ୍ତି।

**ସଂକ୍ଷେପରେ**

## ବିଚାରାଧୀନ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ମାଲକାନଗିରି,୨୯।୮(ସ୍ୱ.ପ୍ର.)-ମାଲକାନଗିରି ଜିଲା ଉପ କରାଗରର ବିଚାରଧୀନ କଏଦୀଙ୍କ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ସେ ହେଲେ ମୋଟୁ ଥାନା ମନ୍ୟମକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ସାଇଲୁର ଗ୍ରାମର କୃଷ୍ଣ ପୁଜାରୀ(୪୭)। ସୂଚନା ଅନୁଯାୟୀ, ୨୦୨୦ ଅଗଷ୍ଟରେ ଏକ ହତ୍ୟା ମାମଲାରେ କୃଷ୍ଣଙ୍କୁ ମୋଟୁ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେ ମାଲକାନଗିରି ଜେଲରେ ବିଚାରାଧୀନ କଏଦୀ ଭାବେ ଥିଲେ। ସୋମବାର ସକାଳେ କାରାଗାର ମଧରେ ସେ ହଠାତ ଥରିବା ସହ ଅଚେତ ହୋଇପଡ଼ିଥିଲେ। ଜେଲ କର୍ତ୍ତୃପକ୍ଷ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସକାଳ ୭ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ବାତ ମାରିବାରୁ ସେ ଅଚେତ ହୋଇପଡ଼ିଥିଲେ ବୋଲି ଜେଲ ଅଧୀକ୍ଷକ ସଞ୍ଜୟ କୁମାର ଶର୍ମା ସୂଚନା ଦେଇଛନ୍ତି। ଏ ନେଇ ଜେଲ ପକ୍ଷରୁ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରାଯିବା ସହ କୃଷ୍ଣଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକ ପହଞ୍ଚିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

## ବନ୍ଦ ଘରୁ ଯୁବକଙ୍କ ମୃତଦେହ ଜବତ

ତେନ୍ତୁଲିଖୁଣ୍ଟି, ୨୯।୮(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଖାତିଗୁଡା ଥାନା ଅଧୀନ ମାଉସୀ ମା କଲୋନୀର ଇନ୍ଦୁ ସ୍ୱାଇଁ ତାଙ୍କ ସ୍ୱାମୀ ସାପ କାମୁଡ଼ାରେ ମୃତ୍ୟୁ ବରଣ କରିଛନ୍ତି ବୋଲି ଖାତିଗୁଡା ଥାନାରେ ଅଭିଯୋଗ କରିଛନ୍ତି। ଥାନା ପକ୍ଷରୁ ମାମଲା ରୁଜୁ କରି ପୋଷ୍ଟମର୍ଟମ ପାଇଁ ଜିଲା ଚିକିତ୍ସାଳୟକୁ ପଠା ଯାଇଛି। ସୂଚନାନୁଯାୟୀ, ରବିବାର ଦିନ ତମାମ ରବୀନ୍ଦ୍ର ସ୍ୱାଇଁଙ୍କ ଘର କବାଟ ଖୋଲିନଥିଲା। ସ୍ତ୍ରୀ ଇନ୍ଦୁ ଓ ତିନି ପିଲାଙ୍କୁ ନେଇ ବାପ ଘରକୁ ଯାଇଥିଲେ। କବାଟ ନ ଖୋଲିବାରୁ ସାହି ପଡ଼ୋଶୀ ଇନ୍ଦୁଙ୍କୁ ଯୋଗାଯୋଗ କରିଥିଲେ। କବାଟ ଖୋଲିଲାପରେ ରବୀନ୍ଦ୍ରଙ୍କ ଶରୀର କଳା ପଡିଯାଇଥିଲା ଓ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ଶନିବାର ପୂର୍ବଦିନ ତାଙ୍କ ଘରେ ସାପ ବାହାରିଥିଲା। ବହୁ ଖୋଜାଖୋଜି ପରେ କିନ୍ତୁ ସାପଟି ମିଳିନଥିଲା। ଏଣୁ ସାପ କାମୁଡ଼ାରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ନେଇ ଇନ୍ଦୁ ଥାନାରେ ଅଭିଯୋଗ କରିଛନ୍ତି।

## ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ଆସିକା,୨୯।୮(ଡି.ଏନ୍.ଏ.)-ଆସିକା ଥାନା ଅନ୍ତର୍ଗତ ବଡ଼ଖୋଲି ଗ୍ରାମର ରଞ୍ଜିତ ଶିଅ ଶୁକ୍ରବାର ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ରଞ୍ଜିତ ସାଇକେଲରେ ଆସୁଥିବା ବେଳେ ବାଇକ୍ ଧକ୍କା ଦେବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା । ଅଧିକ ଚିକିତ୍ସା ଅବଶ୍ୟକ ହେବାରୁ ପରିବାର ଲୋକେ ରଞ୍ଜିତଙ୍କୁ ବିଜୟନଗରମସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ରଞ୍ଜିତଙ୍କ ପୁଅ ମଳୟ ଶିଅଙ୍କ ଅଭିଯୋଗ ପ୍ରକାରେ ଆସିକା ଥାନାରେ ନଂ. ୫୪୧/୨୨ରେ ଏକ ମାମଲା ରୁଜୁ ହୋଇଛି ।

# ଅବହେଳାରୁ ପୁଣି ଆଶ୍ରମ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

ମାଲକାନଗିରି,୨୯।୮(ଡି.ଏନ୍.ଏ.)

ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟଗୁଡ଼ିକରେ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପିଲାଙ୍କ ମୃତ୍ୟୁ ଘଟୁଥିବା ବାରମ୍ବାର ଅଭିଯୋଗ ଆସୁଛି। ମାଲକାନଗିରି ଜିଲାରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ପୁଣି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ପଡ଼ିଆ ବ୍ଲକ କାଲଦାପାଲି ପଞ୍ଚାୟତ ଅନ୍ତର୍ଗତ କହଲାଗଣ୍ଡା ଗ୍ରାମ ଆଶ୍ରମ ବିଦ୍ୟାଳୟର ଛାତ୍ର ପବିତ୍ର ମୁଚାକି। ଅସୁସ୍ଥ ଅବସ୍ଥାରେ ସ୍କୁଲ କର୍ତ୍ତୃପକ୍ଷ ଆଣି ଘରେ ଛାଡ଼ି ଦେଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ମାଲକାନଗିରି ସଦର ବ୍ଲକ ତୁମସାପାଲି ପଞ୍ଚାୟତ ଅନ୍ତର୍ଗତ ଚିଡ଼ିପାଲି ଗାଁର ପବିତ୍ର କହଲାଗଣ୍ଡା ସ୍କୁଲରେ ପଢୁଥିଲେ। ଅଗଷ୍ଟ ୨୩ରେ ତାଙ୍କୁ ଜ୍ୱର ହେବାରୁ ହଷ୍ଟେଲ କର୍ତ୍ତୃପକ୍ଷ ପଡ଼ିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇ ଆଣିଥିଲେ। ତେବେ ଅନ୍ୟ କେଉଁଠିକୁ ନ ନେଇ ୨୭ ରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଘରେ ଛାଡ଼ି ଦେଇଥିଲେ। ପରିବାର ଲୋକେ ପବିତ୍ରଙ୍କୁ ରବିବାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଦୀର୍ଘ ଦିନ ଧରି ହଷ୍ଟେଲରେ ତାଙ୍କର ଚିକିତ୍ସା କରା ନ ଯିବା କାରଣରୁ ମୃତ୍ୟୁ ଘଟିଥିବା ପବିତ୍ରଙ୍କ ବାପା ଆଡମା ମୁଚାକି ଏବଂ ପରିବାରର ଲୋକେ କହିଛନ୍ତି। ସୋମବାର ଆଡମା ମାଲକାନଗିରି ଥାନାରେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପୁଅର ମୃତ୍ୟୁ ଘଟିଥିବା ଏତଲା ଦେଇଛନ୍ତି। ୬୫/୨୨ ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଛି।

ଅନ୍ୟପକ୍ଷରେ ଘଟଣା ନେଇ ପବିତ୍ରଙ୍କ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି, ହଷ୍ଟେଲରେ ଥିବା ସମୟରେ ତାଙ୍କର ଚିକିତ୍ସା କରାଯାଇଥିଲା। ଏହାପରେ ସେ ସାମାନ୍ୟ ସୁସ୍ଥ ହୋଇଥିଲେ। ୨୭ରେ ପୁଣି ଅସୁସ୍ଥ ହେବାପରେ ପବିତ୍ର ଘରକୁ ଯିବାକୁ କହିବାରୁ ତାଙ୍କୁ ଛାଡ଼ି ଦିଆଯାଇଥିଲା ବୋଲି ସେ କହିଛନ୍ତି। କିଛିଦିନ ତଳେ ପାଣ୍ଡ୍ରିପାଣି ପଞ୍ଚାୟତ ସ୍କୁଲରେ ମଧ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଜଣେ ଶିଶୁର ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଥିଲା।


ପବିତ୍ରଙ୍କ ଫାଇଲ ଫଟୋ।

**ଗୁରୁତର ଛାତ୍ରଙ୍କୁ ଘରେ ଛାଡ଼ିଦେଲେ ହଷ୍ଟେଲ କର୍ତ୍ତୃପକ୍ଷ**

# ବିଜେଡି ନେତା ଯଯାତି ହତ୍ୟା ମାମଲାରେ ସବ୍ୟସାଚୀ ନିର୍ଦ୍ଦୋଷ


ଓକିଲଙ୍କ ସହ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା

ଗୁଣପୁର,୨୯।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟରେ ବିଜେଡି ନେତା ଯଯାତି କେଶରୀ ସାହୁଙ୍କ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଏହି ମାମଲାରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଏଡିଜେ ମାନସ ରଞ୍ଜନ ରଥ ସୋମବାର ଏହି ରାୟ ଶୁଣାଇଥିବା ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବିଜେଡି ନେତା ଯଯାତି କେଶରୀ ସାହୁଙ୍କୁ ୨୦୦୨ ନଭେମ୍ବର ୨୬ ରାତିରେ ତାଙ୍କ ବାସଭବନ ନାଇରାଠାରେ ମାଓବାଦୀମାନେ ଘରୁ ଘୋଷାରି ଆଣି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସବ୍ୟସାଚୀଙ୍କ ସହ ଅନ୍ୟ ଲୋକଙ୍କ ନାମରେ ମାମଲା ହୋଇଥିଲା। ପୂର୍ବରୁ ଅନେକ ଅଭିଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଏହି ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସବ୍ୟସାଚୀଙ୍କ କ୍ଷେତ୍ରରେ ଗୁଣପୁର ଏଡିଜେ କୋର୍ଟରେ ୧୬ଟି ସାକ୍ଷ୍ୟ ଗ୍ରହଣ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସବ୍ୟସାଚୀଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସୂଚନାଯୋଗ୍ୟ, ଯଯାତିଙ୍କୁ ହତ୍ୟା କରାଯିବା ପରେ ରାଜ୍ୟରେ ଆଇନ ଶୃଙ୍ଖଳାକୁ ନେଇ ସେତେବେଳେ ବିରୋଧୀ ତୁମ୍ବିତୋଫାନ କରିଥିଲେ। ଏହାପରେ ରାଜ୍ୟ ସରକାର ମାମଲାର ତଦନ୍ତ ପାଇଁ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ଏହି ଘଟଣାର ତଦନ୍ତ ମଧ କରାଯାଇଥିଲା। ପରିତାପର ବିଷୟ ହେଲା ଘଟଣାର ୨୦ ବର୍ଷ ପରେ କୋର୍ଟ ରାୟ ପ୍ରକାଶ ପାଇଥିଲେ ମଧ ଆର୍‌ଡିସି ତଦନ୍ତ ରିପୋର୍ଟ ପ୍ରକାଶ ପାଇ ପାରିଲା ନାହିଁ। ଏହାକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇବା ସହ ଯଯାତୀଙ୍କ ସମର୍ଥକ ଅସନ୍ତୋଷ ପ୍ରକାଶ କରିଛନ୍ତି।

**୨୦ ବର୍ଷ ପରେ ମଧ ପ୍ରକାଶ ପାଇଲାନି ଆର୍‌ଡିସି ତଦନ୍ତ ରିପୋର୍ଟ**

# ଚନ୍ଦ୍ରପୁର ଏସ୍‌ଏସ୍‌ଡି ସ୍କୁଲରେ କ୍ରୀଡ଼ା ଦିବସ ପାଳିତ


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ଚନ୍ଦ୍ରପୁର,୨୯।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ସ୍ଥିତ ଏସ୍‌ଏସ୍‌ଡି ସରକାରୀ ହାଇସ୍କୁଲରେ କ୍ରୀଡ଼ା ଦିବସ ଉପଲକ୍ଷେ ୨୬ ରୁ ୨୮ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଏଥିରେ ସମସ୍ତ ଛାତ୍ରୀଛାତ୍ର ଲମ୍ଫଡିଆଁ, କବାଡ଼ି, ମ୍ୟୁଜିକ୍ ଚେୟାର, ଭଲିବଲ ଏବଂ ସଙ୍ଗୀତ, ବକ୍ତୃତା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ସୋମବାର କ୍ରୀଡ଼ା ଦିବସରେ ପୁରସ୍କୃତ କରାଯାଇଛି । ମୁଖ୍ୟ ଅତିଥି ଭାବେ ଡବ୍ଲ୍ୟୁଇଓ ତଲବାର ଜେନା, ସମ୍ମାନୀତ ଅତିଥି ରୂପେ ହାଡ଼ିବନ୍ଧୁ ବ୍ରେକବେଡ଼ା, ପ୍ରଧାନ ଶିକ୍ଷକ , ସହକାରୀ ଶିକ୍ଷକ ପ୍ରଦୀପ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ ।

## ସଡ଼କ ଦୁର୍ଘଟଣାରେ ମହିଳା ମୃତ

ହିଞ୍ଜିଳିକାଟୁ,୨୯।୮(ଡି.ଏନ୍.ଏ.)

ହିଞ୍ଜିଳି ଥାନା ଅନ୍ତର୍ଗତ ଶ୍ୟାମଳାଇ ଛକରେ ଏକ ଟାଟା ଏସିଇ ଧକ୍କାରେ ଗୁରୁତର ମହିଳାଙ୍କ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ହିଞ୍ଜିଳି ଥାନା ବୁରୁପଡ଼ା ଗ୍ରାମର ଯମୁନା ଦାଶ(୬୦)। ଯମୁନା ରବିବାର ଶ୍ୟାମଳାଇ ଛକରେ ପରିବା କିଣୁଥିଲେ। ଏହି ସମୟରେ ଏକ ଟାଟା ଏସିଇ ଭାରସାମ୍ୟ ହରାଇ ପରିବା ଦୋକାନ ଉପରେ ଚଢ଼ିଯାଇଥିଲା। ଫଳରେ ଯମୁନା ସେଠାରେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସୋମବାର ପରିବାର ଲୋକେ ତାଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ହିଞ୍ଜିଳି ପୋଲିସ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଲିଛି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଆସିକା,୨୯।୮(ଡି.ଏନ୍.ଏ.)

ଆସିକା ଥାନା ଅନ୍ତର୍ଗତ ବଡଖୋଲି ଗ୍ରାମରେ ସୋମବାର ସକାଳେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମାୟା ସେଠୀ (୭୫) । ମାୟା ଘରେ ଶୋଇଥିବା ବେଳେ ଭୋରରେ ସାପ କାମୁଡିଥିଲା। ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ଆସିକା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ମାୟାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ମାୟାଙ୍କ ନାତି ଅନିଲ କୁମାର ସେଠୀ ଆସିକା ଥାନାରେ ଜଣାଇଥିଲେ। ଏ ନେଇ ନଂ.୨୬/୨୨ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି ।

# ଜମିପଟ୍ଟା ଦାବି କଲେ ପେଣ୍ଟା ଅଞ୍ଚଳବାସୀ

ରାୟଗଡ଼ା ଅଫିସ,୨୯।୮

ରାୟଗଡ଼ା ସଦର ବ୍ଲକ ପେଣ୍ଟା ପଞ୍ଚାୟତର ଆଦିବାସୀ ଅଞ୍ଚଳବାସୀ ୨୦୧୭ ରୁ ଅମ୍ଲାଭଟ୍ଟା ଛକ ଅଞ୍ଚଳରେ ରହି ଆସୁଛନ୍ତି। ହେଲେ ଜଣେ ବ୍ୟକ୍ତି ଜୋର ଜବରଦସ୍ତ ଉକ୍ତ ସ୍ଥାନରେ ଚାଷ କରୁଛନ୍ତି। ଫଳରେ ସୋମବାର ଅଞ୍ଚଳବାସୀ ସ୍ଥାନୀୟ ତହସିଲଦାରଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ବାରମ୍ବାର ସମସ୍ୟା ଜଣାଇବା ପରେ ମଧ ଜୋରଜବରଦସ୍ତ ଉକ୍ତ ଜମିରେ ଚାଷ କରୁଥିବା ବ୍ୟକ୍ତିଙ୍କୁ ମନା କରାଯାଉ ନାହିଁ। ହେଲେ ଆଦିବାସୀ ଲୋକଙ୍କୁ ସେଠାରେ ରହିବାକୁ ମନା କରାଯାଉଛି ବୋଲି ସେମାନେ କହିବା ସହ ଉକ୍ତ ଜମିର ଅଧିକାର ପାଇଁ ପଟ୍ଟା ଦିଆଯାଉ ବୋଲି ଦାବି କରିଛନ୍ତି।



ତହସିଲଦାରଙ୍କୁ ଦାବି ଜଣାଇବାକୁ ଆସିଥିବା ପେଣ୍ଟା ଗ୍ରାମବାସୀ ।

# ମୁନିଗୁଡ଼ାରେ ୧୦୦ ଶଯ୍ୟା ବିଶିଷ୍ଟ ମେଡିକାଲ ଦାବି

ମୁନିଗୁଡ଼ା,୨୯।୮(ଡି.ଏନ୍.ଏ.)

**ଯୁଗ୍ମ ଅଭିଯୋଗ ଶୁଣାଣି**

ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱଧା ଦେବ ସିଂ, ଉପସ୍ଥିତ ରହି ୫୭ ଅଭିଯୋଗ ଶୁଣିଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, ଗୁଣପୁର ଉପଜିଲପାଳ ଲୋକନାଥ ଦଳବେହେରା, ସିଡିଏମଓ ଡା. ଲାଲମୋହନ ରାଉତରାୟ, ରେଞ୍ଜର ବାଲାଇବନାନା ଆର୍, ତହସିଲଦାର ଦେବାଶିଷ ଗୌଡ଼, ପଞ୍ଚାୟତ ସମିତି ଅଧକ୍ଷା ଦୁଃଖିନୀ ନୁଣ୍ଡରୁକା, ମୁନିଗୁଡ଼ା ବିଡିଓ ଦିଲୀପ କୁମାର ବେହେରା ଉପସ୍ଥିତ ଥିଲେ।

ମୁନିଗୁଡ଼ା ଓକିଲ ସଂଘର ସଦସ୍ୟଙ୍କ ଦ୍ୱାରା ମୁନିଗୁଡ଼ାରେ ଅସ୍ଥାୟୀ ଭାବେ ପୁରୁଣା ତହସିଲ କାର୍ଯ୍ୟାଳୟରେ ଜେଏମ୍‌ଏଫ୍‌ସି କୋର୍ଟକୁ ତୁରନ୍ତ ଆରମ୍ଭ କରିବା ଓ ନୂତନ କୋର୍ଟ ପାଇଁ ପ୍ରସ୍ତାବିତ ସ୍ଥାନରେ କୋର୍ଟ ନିର୍ମଣ କାମ ଆରମ୍ଭ କରିବାକୁ ଦାବି ଜଣାଇଥିଲ। ସେହିପରି ମୁନିଗୁଡ଼ଡା ମର୍ଚାଣ୍ଟ ଆସୋସିଏଶନ ପକ୍ଷରୁ ମୁନିଗୁଡ଼ାକୁ ଏନ୍‌ଏସି ଘୋଷଣା, ଅସ୍ଥାୟୀ ବସଷ୍ଟାଣ୍ଡ କରିବାକୁ ଦାବି, ମୁଖ୍ୟରାସ୍ତାର ମରାମତି, ରେଳ ଫାଟକ ନିକଟରେ ଅଣ୍ଡରଗ୍ରାଉଣ୍ଡ ରାସ୍ତା, ବାଇପାସ ରାସ୍ତା ନିର୍ମାଣ, ୧୦୦ ଶଯ୍ୟା ସହ ଏକ୍ସରେ ମେଶିନ ଥିବା ମେଡିକାଲ ଆଦି ଦାବି ଜଣାଇଥିଲେ। ଅଭିଯୋଗ ଶୁଣାଣିରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ସ୍ତରୀୟ ଯନ୍ତ୍ରୀ ବ୍ରଜକିଶୋର ପଟ୍ଟନାୟକ, ମହିଳା ଓ ଶିଶୁ ବିକାଶ ଅଧିକାରୀ ସୁନୀଲପ୍ରଭା ରଥ, ବ୍ଲକ ସହକାରୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ଯୋଗାଣ ଅଧିକାରୀ ମାନସ ଜେନା, ଥାନା ଅଧିକାରୀ ସୁଜ୍ଞାନୀ ସାହୁ, ବିଇଓ ଭି. ଭାସ୍କର ରାଓଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପାତ୍ର, କନିଷ୍ଠ ଯନ୍ତ୍ରୀ ବି. ବି. କିଷାନ, ରାମଚନ୍ଦ୍ର ସୁତାର, ଗୌରୀଶଙ୍କର ନାୟକ, ବରିଷ୍ଠ କିରାଣି ଜିତେନ୍ଦ୍ର ଧର, ସତ୍ୟାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମାଁ ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ

ବିଷମକଟକ,୨୯।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ସ୍ଥିତ ମାଁ ମାର୍କମା କଲେଜରେ ସୋମବାର ଯୁକ୍ତ ୩ ର ନୂତନ ଶ୍ରେଣୀଗୃହ କୋଠା ଉଦ୍‌ଘାଟିତ ହୋଇଯାଇଛି । ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଶ୍ୱବ୍ୟାଙ୍କର ୫ କୋଟି ୨୬ ଲକ୍ଷ ସହାୟତାରେ ଏହି ନୂତନ ଗୃହ ନିର୍ମାଣ କାର୍ଯ୍ୟ ସହ ଛାତ୍ରୀଛାତ୍ରଙ୍କୁ ପାଇଁ ଚେୟାର, ଟେବୁଲ, ନୂତନ କମ୍ପ୍ୟୁଟର, ଲାଇବ୍ରେରୀ ଓ କଲେଜର ସମସ୍ତ ପ୍ରକାରର ଉପକରଣ କିଣାଯାଇଛି । ୨୦୨୦ରେ ଶ୍ରେଣୀଗୃହ ନିର୍ମାଣ କାମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧରେ ଜିଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ, ବିଷମକଟକ ପଞ୍ଚାୟତ ସମିତି ଅଧକ୍ଷା ଯଶୋଦା ହୁଇକା, 'କ' ଜୋନ୍ ଜିଲା ପରିଷଦ ସଭ୍ୟ ସୁଜାତା କାଡ୍ରକା, 'ଖ' ଜୋନ୍‌ର ଜିଲା ପରିଷଦ ସଭ୍ୟ ବିଜୟଶାନ୍ତି କୁମ୍ଭରୁକା, ମାଁ ମାର୍କମା ମହାବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ଶୁଦର୍ଶନ ରଥ ଓ ବରିଷ୍ଠ ଆଇନଜୀବୀ ଜି. ମନ୍ମଥ ରାଓଙ୍କ ସମେତ ବହୁ ମନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ୨୦୦୦ ମସିହାର ସ୍ନାତକ ଛାତ୍ରୀଛାତ୍ର ଏକ ୪ ଫୁଟ ଉଚ୍ଚତାର ପଥରରେ ନିର୍ମିତ ଗଣେଷ ମୂର୍ତ୍ତି ମହାବିଦ୍ୟାଳୟ ସମ୍ମୁଖରେ ସ୍ଥାପନ କରିବା ପାଇଁ ପ୍ରଦାନ କରିଥିଲେ। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଁ ମାର୍କମାଙ୍କ ଏକ ସୁସଜ୍ଜିତ ସୁନ୍ଦର ଫଟୋଚିତ୍ର କଲେଜରେ ସ୍ଥାପନ ନିମନ୍ତେ ଗରିଷ୍ଠ ଆଇନଜୀବୀ ଜି. ମନ୍ମଥ ରାଓ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।



ଅତିଥିମାନେ ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ କରୁଛନ୍ତି।

# ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଚାଲିଛି କାଠକଟା



ଭାଇରାଲ ଭିଡିଓର ଚିତ୍ର ଓ କଟା ଯାଇଥିବା ଗଛ ।

ମାଲକାନଗିରି,୨୯।୮(ସ୍ୱ.ପ୍ର.)

ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ ରାତାରାତି କାଠ ଚୋରି ହେଉଛି। ଏବେ ବନ ବିଭାଗ ରେଞ୍ଜ କର୍ଯ୍ୟାଳୟ ପରିସରରେ କାଠ କଟାଯାଇ ଓ ପୂର୍ବରୁ ଜବତ ହୋଇଥିବା ମୂଲ୍ୟବାନ କାଠରେ ଗୃହ ନିର୍ମାଣ ସାମଗ୍ରୀ ନିର୍ମାଣ କରାଯାଉଥିବା ସମୟର ଏକ ଭିଡିଓ ଭାଇରାଲ ହୋଇଛି । ଏହି ଭିଡିଓ ମାଲକାନଗିରି ଜିଲା ମୋଟୁ ବନାଞ୍ଚଳ ଅଧୀନ ଏମ୍‌ଭି ୭୯ ସ୍ଥିତ ବନ ବିଭାଗ କାର୍ଯ୍ୟଳୟର ଏବଂ ଭିଡିଓରେ ଖୋଦ୍ ଫରେଷ୍ଟର, ଜଣେ ଫରେଷ୍ଟ ଗାର୍ଡ ଏବଂ ସାଗୁଆନ କାଠ କାଟୁଥିବା ଅନ୍ୟ କେତେଜଣ ବ୍ୟକ୍ତି ନଜରକୁ ଆସିଛନ୍ତି। ବନ ବିଭାଗ କାର୍ଯ୍ୟାଳୟ ପରିସରରେ କାଠକଟା କରତ ଓ ଅନ୍ୟ ସାମଗ୍ରୀ ମଧ ପଡ଼ିଛି।

ଏ ବିଷୟରେ ସହକାରୀ ବନ ସଂରକ୍ଷକ ଲିଲି ଅମତ୍ୟାଙ୍କୁ ପଚାରିବାରୁ ସେ କହିଛନ୍ତି, ଭିଡିଓ ଭାଇରାଲ ବିଷୟରେ ଆମ ନିକଟରେ ଖବର ଅଛି। ଉକ୍ତ ଭିଡିଓ ଅଧାରରେ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। କାଠ କାହିଁକି କଟାଯାଉଛି ତାହାର ତଦନ୍ତ ପରେ ସତ୍ୟ ପଦାକୁ ଆସିଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅମତ୍ୟା କହିଛନ୍ତି।

- **ଭାଇରାଲ ଭିଡିଓରେ ବନ ଅଧିକାରୀ, କର୍ମଚାରୀ**
- **ତଦନ୍ତ ଆରମ୍ଭ: ବନ ସଂରକ୍ଷକ**

